ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1339/24-02-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୪ ଫେବୃଆରୀ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭର୍ଚ୍ଚୁଆଲ୍ ମୋଡ୍‌ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ଏକ ବହୁମୁଖୀ ସୁଇଚିଂ ଭର୍ଚ୍ଚୁଆଲ୍ ପ୍ରାଇଭେଟ୍ ନେଟ୍‌ୱାର୍କିଂ ବ୍ୟବସ୍ଥାର ଶୁଭାରମ୍ଭ କରି କହିଛନ୍ତି ଯେ ଇଣ୍ଟରନେଟ୍ ସଂଯୋଗ ନଥିବା ବିଭାଗର ସ୍ଥାନୀୟ କାର୍ଯ୍ୟାଳୟଗୁଡ଼ିକ ସହିତ ଆଭ୍ୟନ୍ତରୀଣ ଯୋଗାଯୋଗ ରକ୍ଷା କରିବାରେ ଏହି ନେଟ୍‌ୱାର୍କିଂ ବ୍ୟବସ୍ଥା ସହାୟକ ହେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବ୍ୟାପକ ବୈଷୟିକ ପ୍ରୟୋଗର ଶୁଭାରମ୍ଭ କରି ଫଳପ୍ରଦ ରୂପାନ୍ତରଣ ଆଣି ସରକାରଙ୍କ ୫-'ଟି' ସଶକ୍ତ କରିବାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଦ୍ୟମ ନିମନ୍ତେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ଏହି ନେଟ୍‌ୱାର୍କ କ୍ଷେତ୍ରୀୟ ସ୍ତରରେ ଅନ୍‌ଲାଇନ୍ ୱେବ୍‌ଭିତ୍ତିକ ପ୍ରୟୋଗକୁ ଉପଯୋଗ କରିବାରେ ସମର୍ଥ ହେବ ଏବଂ ସ୍ୱଚ୍ଛତା, ଫଳପ୍ରଦ ତଦାରଖ ବ୍ୟବସ୍ଥା ଏବଂ ସମସ୍ୟା ସମାଧାନ ଇତ୍ୟାଦିରେ ବିଭାଗର ୫-'ଟି' ଅଭିଯାନକୁ ସଂପ୍ରସାରିତ କରିବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଟେଣ୍ଡରିଂ, ରକ୍ଷଣାବେକ୍ଷଣ ପରିଚାଳନା, ବିଭିନ୍ନ କାର୍ଯ୍ୟ ଓ କାଗଜାତ ପରିଚାଳନା, ଆର୍ଥିକ ପରିଚାଳନା, ଅଭିଯୋଗ ସମାଧାନ ଏବଂ ଅନ୍ୟ ଅନେକ ସେବା ସମେତ ବିଭିନ୍ନ ସେବା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ୱେବ୍‌ଭିତ୍ତିକ ଉପଯୋଗକୁ କାର୍ଯ୍ୟକାରୀ କରୁଛି । ଟେଣ୍ଡର ପ୍ରକ୍ରିୟାରେ ସଂପୂର୍ଣ୍ଣ ସ୍ୱୟଂଚାଳିତ ବ୍ୟବସ୍ଥା ପ୍ରବର୍ତ୍ତନରେ ବିଭାଗର ଉଦ୍ୟମକୁ ପ୍ରଶଂସା କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଫଳରେ ମନୁଷ୍ୟକୃତ ହସ୍ତକ୍ଷେପ ହ୍ରାସ ପାଇବା ସହିତ ସମୁଦାୟ କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନାରେ ଅଧିକ ଦକ୍ଷତା ଓ ପାରଦର୍ଶିତା ଆସିପାରିବ ।

- ମାନ୍ୟବର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ଶ୍ରୀ ସୁଶାନ୍ତ କୁମାର ସିଂ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଶ୍ରୀ ପି.କେ. ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ, ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ଶାସନ ସଚିବ, ବିଏସ୍‌ଏନ୍‌ଏଲ୍‌ର ମୁଖ୍ୟ ସାଧାରଣ ପରିଚାଳକ ଏହି ଅବସରରେ ଉପସ୍ଥିତ ଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଭର୍ଚ୍ଚୁଆଲ୍ ମୋଡ୍‌ରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଅଧିକ ଗବେଷଣା ପାଇଁ ପୁରୀ ସତ୍ୟବାଦୀଠାରେ 'ଓଡ଼ିଆ ବିଶ୍ୱବିଦ୍ୟାଳୟ' ସ୍ଥାପନ ହେବ ବୋଲି ଉଲ୍ଲେଖ କରିବା ସହ ବନବିଦ୍ୟାଳୟ ଢାଞ୍ଚାରେ ଶାନ୍ତ, ସ୍ନିଗ୍ଧ ଓ ମୁକ୍ତ ପରିବେଶ ମଧ୍ୟରେ ଉତ୍ତମ ଶୈକ୍ଷିକ ଅନୁଭବ ଲକ୍ଷ୍ୟରେ ପ୍ରସ୍ତୁତ ବିଦ୍ୟାଳୟର ଡିଜାଇନ୍‌କୁ ଅନୁମୋଦନ କରିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଆ ଭାଷା ଷଷ୍ଠ ଭାରତୀୟ ଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ଓଡ଼ିଆ ଭାଷାରେ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଛି ବୋଲି ଉଲ୍ଲେଖ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ସତ୍ୟବାଦୀ ବନ ବିଦ୍ୟାଳୟ ପରିସରରେ ସ୍ଥାପିତ ହେବାକୁ ଥିବା 'ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ' ଓଡ଼ିଆ ଭାଷାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ବୋଲି ଆଶା ପ୍ରକାଶ କରିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନ ଶକ୍ତିର ପରିପୂର୍ଣ୍ଣ ବିକାଶ ସାଙ୍ଗକୁ ଓଡ଼ିଆ ଭାଷାର ବ୍ୟାକରଣ, ଶବ୍ଦ ଭଣ୍ଡାର, କଥନ, ଲିଖନ ଆଦି ବିଷୟରେ ଗବେଷଣା ପାଇଁ 'ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ' ଅଧିକ ସୁଯୋଗ ସୃଷ୍ଟି କରିବା ସହ ସାରା ଦେଶରେ ଓଡ଼ିଆ ଜାତିର ସ୍ୱତନ୍ତ୍ରତା ଏବଂ ଓଡ଼ିଆ ଭାଷାର ମହନୀୟତା ସଂପର୍କରେ ଏକ ଉଦାହରଣ ହେବ ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୨,୩୦,୪୪୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୬,୮୩୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୪, ୨୪୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୪ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୬୨୫ ରହିଛି ।
- ୬୨୫ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**